# NATIONAL NEWS BULLETIN (ODIA)
## 22 March - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଭୁଟାନ୍ ରାଜା ଜିଗ୍‌ମେ ଖେସର୍ ନାମ୍‌ଗେଲ୍ ୱାଙ୍ଗ୍‌ଚୁକ୍ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ **Order of the Druk Gyalpo** ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭୂଷିତ କରିଛନ୍ତି ।
- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଆଜି ରୋଜ୍ ଆଭେନ୍ୟୁ କୋର୍ଟ୍‌ରେ ହାଜର କରାଯାଇଛି ।
- ବିହାରର ସପୌଲ୍ ଜିଲ୍ଲା ପୋଲ ଭୁଶୁଡ଼ିବା ଘଟଣାରେ ଖୋଜାଖୋଜି ଓ ଉଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।
- ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ଏୟାର୍ ଇଣ୍ଡିଆ ଲିମିଟେଡ୍ ଉପରେ ୮ ଲକ୍ଷ ଟଙ୍କାର ଜୋରିମାନା ଲାଗୁ କରିଛି ।

ଏବଂ

- ଗାଜାରେ ଯୁଦ୍ଧ ବିରତି ପାଇଁ ଏକ ପ୍ରସ୍ତାବ ଉପରେ ଆଜି ଜାତିସଂଘ ନିରାପଦା ପରିଷଦରେ ମତଦାନ ହେବ ।

# ପିଏମ୍-ଭୁଟାନ୍

ଭୁଟାନ୍ ରାଜା ଜିଗ୍‌ମେ ଖେସର୍ ନାମ୍‌ଗେଲ୍ ଓ୍ୱାଙ୍ଗ୍‌ଚୁକ୍ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ **Order of the Druk Gyalpo** ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭୂଷିତ କରିଛନ୍ତି । ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ତାଙ୍କ ଜୀବନର ଏହା ଏକ ସ୍ମରଣୀୟ ଦିବସ । ସେ କହିଛନ୍ତି, ପ୍ରତ୍ୟେକଟି ପୁରସ୍କାରର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି । କିନ୍ତୁ ଯେତେବେଳେ ଜଣେ ବ୍ୟକ୍ତି ଅନ୍ୟ ଏକ ଦେଶରୁ ସମ୍ମାନିତ ହୋଇଥାନ୍ତି ସେତେବେଳେ ଦୁଇଟିଯାକ ଦେଶ ଠିକ୍ ଦିଗରେ ଅଗ୍ରସର ହେଉଥିବାର ଜଣାପଡ଼ିଥାଏ । ସେ କହିଛନ୍ତି, ଏହି ସମ୍ମାନ ତାଙ୍କର ବ୍ୟକ୍ତିଗତ ସଫଳତା ନୁହେଁ ଏହା ୧୪୦ କୋଟି ଭାରତୀୟଙ୍କ ସଫଳତା । ପ୍ରତ୍ୟେକ ଭାରତୀୟଙ୍କ ପକ୍ଷରୁ ସେ ଏହି ସମ୍ମାନକୁ ଗ୍ରହଣ କରିଛନ୍ତି ଓ ଏଥିପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଶ୍ରୀ ମୋଦୀ ଭୁଟାନ୍ ରାଜାଙ୍କ ସହ କଥାବାର୍ତ୍ତା କରିଛନ୍ତି । ଦୁଇ ନେତା ଭାରତ-ଭୁଟାନ୍ ବନ୍ଧୁତା ଉପରେ ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଛନ୍ତି । ଏହା ବ୍ୟତୀତ ଦ୍ୱିପକ୍ଷିୟ ସମ୍ପର୍କର ସମୀକ୍ଷା କରାଯାଇଛି ।

ଭାରତ ଓ ଭୁଟାନ୍ ସେମାନଙ୍କ ମଧ୍ୟରେ ଅନେକ ରାଜିନାମା ସ୍ୱାକ୍ଷର କରିଛନ୍ତି । ଏହି ଅବସରରେ ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଭୁଟାନ୍ ପ୍ରଧାନମନ୍ତ୍ରୀ ସେରିଙ୍ଗ୍ ଟବ୍‌ଗେ ଉପସ୍ଥିତ ଥିଲେ । ପେଟ୍ରୋଲିୟମ୍ ଓ ତୈଳ ଯୋଗାଣ, ଶକ୍ତି ସହଯୋଗ, କ୍ରୀଡ଼ା ଓ ଯୁବ ବ୍ୟାପାର, ଔଷଧୀୟ ସାମଗ୍ରୀ ଗୁଡ଼ିକର ପରୀକ୍ଷଣ ସମେତ ଅନେକ ବୁଝାମଣା ସ୍ମାରକପତ୍ର ସ୍ୱାକ୍ଷରିତ ହୋଇଛି । ଏହା ବ୍ୟତୀତ ମହାକାଶ ସହଯୋଗ ପାଇଁ ଏକ ଯୁଗ୍ମ କ୍ରିୟାନୁଷ୍ଠାନ ଯୋଜନା ଉପରେ ସହମତି ସୃଷ୍ଟି ହୋଇଛି । ଭାରତର ନ୍ୟାସନାଲ୍ ନେଲେଜ୍ ନେଟ୍‌ୱର୍କ ଓ ଭୁଟାନ୍‌ର ଡ୍ରକ୍ ରିସର୍ଚ୍ଚ ଆଣ୍ଡ ଏଜୁକେସନ୍ ନେଟ୍‌ୱର୍କ ମଧ୍ୟରେ  ବୁଝାମଣା ସ୍ମାରକପତ୍ର ସ୍ୱାକ୍ଷରିତ ହୋଇଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭୁଟାନ୍ ପ୍ରଧାନମନ୍ତ୍ରୀଙ୍କ ସହ କଥାବାର୍ତ୍ତା କରିଛନ୍ତି । କଥାବାର୍ତ୍ତାରେ ଦ୍ୱିପକ୍ଷିୟ ସମ୍ପର୍କ ଓ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ବିଷୟ ସ୍ଥାନ ପାଇଛି ।

ପ୍ରଧାନମନ୍ତ୍ରୀ ଆସନ୍ତାକାଲି ଥିମ୍ପୁ ଠାରେ ଏକ ହସ୍ପିଟାଲ୍‌କୁ ଉଦ୍‌ଘାଟନ କରିବେ । ଆମ ସମ୍ବାଦଦାତା ଜଣାଇଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଭୁଟାନ୍ ଗସ୍ତ ଦୁଇ ଦେଶ ମଧ୍ୟରେ ଦ୍ୱିପକ୍ଷିୟ ସମ୍ପର୍କକୁ ସୁଦୃଢ଼ କରିବ । ଭାରତ ଭୁଟାନ୍‌ର ଦକ୍ଷତା ବିକାଶ ପାଇଁ କାର୍ଯ୍ୟ କରୁଛି । ଭୁଟାନ୍‌ର ଜଳ ବିଦ୍ୟୁତ୍ ପ୍ରକଳ୍ପ, ଡିଜିଟାଲାଇଜେସନ୍, ଆର୍ଥିକ କ୍ଷେତ୍ର ଓ ସ୍ୱାସ୍ଥ୍ୟ କ୍ଷେତ୍ରର ପ୍ରକଳ୍ପ ଗୁଡ଼ିକୁ ଭାରତ ସହାୟତା କରୁଛି । ଏହା ବ୍ୟତୀତ ଇ-ବିଜ୍‌ନେସ୍ ନ୍ୟାସନାଲ୍

ସିଙ୍ଗଲ୍ ୱେଣ୍ଡୋ, ଭୁଟାନ୍ ଇଣ୍ଟିଗ୍ରେଟେଡ୍ ଟ୍ୟାକ୍ସ ସିଷ୍ଟମ୍, ଇଣ୍ଟିଗ୍ରେଟେଡ୍ ସିଟିଜେନ୍ ସର୍ଭିସ୍ ଓ ଡିଜିଟାଲ୍ ସ୍କୁଲ୍ ଭଳି କ୍ଷେତ୍ରରେ ଭାରତ ସହାୟତା କରୁଛି ।

## କେଜରିୱାଲ୍-ଇଡି

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଆଜି ରୋଜ୍ ଆଭେନ୍ୟୁ କୋର୍ଟ୍‌ରେ ହାଜର କରାଯାଇଥିଲା । ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ତାଙ୍କୁ ୧୦ ଦିନ ପାଇଁ ହାଜତକୁ ନେବାକୁ ଚାହିଁଥିଲା । ଶ୍ରୀ କେଜରିୱାଲ୍ ୯ ଥର ଇ.ଡି.ର ସମନକୁ ଏଡ଼ାଇବା ପରେ ଏଭଳି ପଦକ୍ଷେପ ନିଆଯାଇଛି । ପୂର୍ବରୁ ଶ୍ରୀ କେଜରିୱାଲ୍ ତାଙ୍କର ଗିରଫ୍ ବିରୁଦ୍ଧରେ ସୁପ୍ରିମ୍‌କୋର୍ଟରେ କରିଥିବା ଆବେଦନକୁ ପ୍ରତ୍ୟାହାର କରିନେଇଥିଲେ । ଶ୍ରୀ କେଜରିୱାଲ୍ ନିମ୍ନ ଅଦାଲତରେ ସମନକୁ ଚ୍ୟାଲେଞ୍ଜ କରିବେ ବୋଲି ତାଙ୍କର ଓକିଲ କହିଥିଲେ । ବରିଷ୍ଠ ଓକିଲ ଅଭିଶେକ ମନୁ ସିଂଗଭି କେଜରିୱାଲ୍‌ଙ୍କ ପକ୍ଷରୁ ଜଷ୍ଟିସ୍ ସଂଜୀବ ଖାନ୍ନାଙ୍କ ଖଣ୍ଡପୀଠରେ ଏ ବିଷୟ ଉତ୍ଥାପନ କରିଥିଲେ । ଆବେଦନ ପ୍ରତ୍ୟାହାର କରିବା ପାଇଁ ଅନୁମତି ଦେବାକୁ ସେ ଅଦାଲତକୁ ନିବେଦନ କରିଥିଲେ । ଗତ ରାତିରେ ଇ.ଡି. ଶ୍ରୀ କେଜରିୱାଲ୍‌ଙ୍କୁ ଗିରଫ୍

କରିଥିଲା । ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ମଧ୍ୟବର୍ତ୍ତିକାଳୀନ ସୁରକ୍ଷା ଦେବାକୁ ମନା କରିଥିଲେ ।

ଏହି ଘଟଣା ପରେ ଦିଲ୍ଲୀ ପୋଲିସ୍ ତାଙ୍କ ବାସଭବନ ଚର୍ତୁପାର୍ଶ୍ୱରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିଛି ।

## ବିହାର-ବ୍ରିଜ୍ କଲାପ୍ସ

ବିହାରର ସପୌଲ୍ ଜିଲ୍ଲା ପୋଲ ଭୁଶୁଡ଼ିବା ଘଟଣାରେ ଖୋଜାଖୋଜି ଓ ଉଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଆକାଶବାଣୀ ସହ କଥାବାର୍ତ୍ତା ବେଳେ ସପୌଲ୍ ଜିଲ୍ଲା ମାଜିଷ୍ଟ୍ରେଟ୍ କୌଶଲ କୁମାର କହିଛନ୍ତି, ଦୁର୍ଘଟଣାରେ ଜଣେ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୦ ଜଣ ଆହତ ହୋଇଛନ୍ତି । ସେ କହିଛନ୍ତି, ପ୍ରାଥମିକ ପ୍ରମାଣରୁ ନିର୍ମାଣାଧୀନ ପୋଲ ଖସିଯାଇ ଥିବାର ଅନୁମାନ କରାଯାଉଛି । କିଛି ବୈଷୟିକ ତ୍ରୁଟି ଯୋଗୁଁ ଏଭଳି ହୋଇଥିବାର କୁହାଯାଉଛି । ସେ କହିଛନ୍ତି, ଏକ ତିନି ଜଣିଆ କେନ୍ଦ୍ରୀୟ ଟିମ୍ ଦୁର୍ଘଟଣାର ତଦନ୍ତ କରିବେ । ଜିଲ୍ଲାପାଳ କହିଛନ୍ତି, ଜିଲ୍ଲା ପ୍ରଶାସନ ପକ୍ଷରୁ ମୃତ ବ୍ୟକ୍ତିଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ । ଆହତମାନଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ଦିଆଯିବ । ସେହି ପୋଲଟି କୋଷି ନଦୀ ଉପରେ ସପୌଲ୍ ଓ ମଧୁବନୀ ଜିଲ୍ଲା ମଧ୍ୟରେ ନିର୍ମିତ ହେଉଥିଲା ।

# ଇ.ସି.-ପୋଲ୍ ପ୍ରିପାରେସନ୍

ନିର୍ବାଚନ କମିଶନ୍ ୨୦୨୪ ସାଧାରଣ ନିର୍ବାଚନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଦେଇଛି । ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ୨ହଜାର ୧୦୦ଜଣ  ପର୍ଯ୍ୟବେକ୍ଷ ମୁତୟନ ହେବେ । ସେହି ପର୍ଯ୍ୟବେକ୍ଷକମାନେ ଜିଲ୍ଲା ନିର୍ବାଚନ ଅଫିସର୍ ଓ ରିଟର୍ଣ୍ଣିଙ୍ଗ୍ ଅଫିସର୍‌ମାନଙ୍କ ଉପରେ ତଦାରଖ କରିବେ । ପର୍ଯ୍ୟବେକ୍ଷକମାନଙ୍କର ମୁଖ୍ୟ କାର୍ଯ୍ୟ ମଧ୍ୟରେ ନିର୍ବାଚନ ସମୟରେ ବଳପ୍ରୟୋଗ, ପ୍ରଲୋଭନ କିମ୍ବା ଭୟ ପ୍ରଦର୍ଶନକୁ ରୋକିବା ସ୍ଥାନ ପାଇବ । ସେମାନେ ମଧ୍ୟ ନିରାପତ୍ତା ବାହିନୀ ଯବାନମାନଙ୍କ ମୁତୟନ ଓ ସେମାନଙ୍କର କାର୍ଯ୍ୟକଳାପ ଉପରେ ନଜର ରଖିବେ । ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ କରିବା ପାଇଁ ଭୋଟିଂ ମେସିନ୍ ଓ କର୍ମଚାରୀମାନଙ୍କ ଉପରେ ସେମାନଙ୍କୁ ତୀକ୍ଷ୍ଣ ନଜର ରଖିବାକୁ ହେବ ।

ପର୍ଯ୍ୟବେକ୍ଷକମାନେ ମୁତୟନ ହୋଇଥିବା ନିର୍ବାଚନ ମଣ୍ଡଳୀ ମଧ୍ୟରେ ସେମାନଙ୍କୁ ରହିବାକୁ ପଡ଼ିବ । ସେମାନଙ୍କର ଯୋଗାଯୋଗ ଠିକଣା ଓ ମୋବାଇଲ୍ ନମ୍ବର ବିଭିନ୍ନ ଓ୍ୱେବ୍‌ସାଇଟ୍ ଓ ଗଣମାଧ୍ୟମରେ ଉପଲବ୍ଧ ହେବ । ସେମାନେ ଭୋଟଗ୍ରହଣ କେନ୍ଦ୍ର ଗୁଡ଼ିକୁ ବାରମ୍ବାର ଗସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ବାଚନ ପ୍ରକ୍ରିୟାକୁ ସହଜ କରିବା ପାଇଁ

ପର୍ଯ୍ୟବେକ୍ଷକମାନେ ରାଜନୈତିକ ଦଳ ଓ ପ୍ରାର୍ଥୀମାନଙ୍କ ସହ ଯୋଗାଯୋଗ କରିବେ ।

## ଉତ୍ତରାଖଣ୍ଡ ଇଲେକ୍‌ସନ୍ ଅପଡେଟ୍

ଉତ୍ତରାଖଣ୍ଡରେ ଆଲମୋଡା ଓ ହରିଦ୍ୱାର ଲୋକସଭା ଆସନରୁ ବିଜେପି ପ୍ରାର୍ଥୀମାନେ ସେମାନଙ୍କର ମନୋନୟନପତ୍ର ଦାଖଲ କରିଛନ୍ତି । ଆଲମୋଡାରୁ ଅଜୟ ତାମତା ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେପି ପ୍ରାର୍ଥୀ ତ୍ରିବେନ୍ଦ୍ର ସିଂହ ରାୱତ୍ ହରିଦ୍ୱାରରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଗତକାଲି ନିର୍ଦ୍ଦଳୀୟ ବିଧାୟକ ଉମେଶ କୁମାର ହରିଦ୍ୱାର ଲୋକସଭା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଇତିମଧ୍ୟରେ କଂଗ୍ରେସ ପ୍ରାର୍ଥୀମାନେ ଲୋକସଭା ନିର୍ବାଚନ ପାଇଁ ସେମାନଙ୍କର ପ୍ରାର୍ଥୀପତ୍ର ଦାଖଲ କରିନାହାନ୍ତି । ଉତ୍ତରାଖଣ୍ଡରେ ଏପ୍ରିଲ୍ ୧୯ ତାରିଖରେ ୫ଟି ଯାକ ଲୋକସଭା ଆସନ ପାଇଁ ମତଦାନ ହେବ ।

## ବିଜେପି ଲୋକସଭା ଲିଷ୍ଟ

ବିଜେପି ଲୋକସଭା ନିର୍ବାଚନ ପାଇଁ ୧୫ ଜଣ ପ୍ରାର୍ଥୀଙ୍କର ନାମ ଥିବା ଏହାର ଚତୁର୍ଥ ତାଲିକା ପ୍ରକାଶ କରିଛି । ପୁଡୁଚେରୀ ଓ ତାମିଲନାଡୁର ନିର୍ବାଚନ ମଣ୍ଡଳୀ ଗୁଡ଼ିକ ପାଇଁ ପ୍ରାର୍ଥୀମାନଙ୍କର ନାମ ଏଥିରେ ସ୍ଥାନ ପାଇଛି । ପୂର୍ବରୁ ପାର୍ଟି ୨୭୬ ଜଣ ପ୍ରାର୍ଥୀଙ୍କର ନାମ ଘୋଷଣା କରିସାରିଛି ।

## ଡିଜିସିଏ-ଏଆର୍ ଇଣ୍ଡିଆ

ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ଏୟାର୍ ଇଣ୍ଡିଆ ଲିମିଟେଡ୍ ଉପରେ ୮ଲକ୍ଷ ଟଙ୍କାର ଜୋରିମାନା ଲାଗୁ କରିଛି । ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟେସନ୍ସ ଓ ଫେଟିଗ୍ ମ୍ୟାନେଜ୍ମେଣ୍ଟ ସିଷ୍ଟମ୍ ନିୟମର ଲଙ୍ଘନ ପାଇଁ ଏହି ଜୋରିମାନା ଲାଗୁ କରାଯାଇଛି । ଗତ ଜାନୁଆରୀ ମାସରେ **DGCA** ଏୟାର୍ ଇଣ୍ଡିଆ ଲିମିଟେଡ୍‌ରେ ସରଜମିନ୍ ତଦନ୍ତ କରିଥିଲା । ଅଡିଟ୍ ସମୟରେ ପ୍ରମାଣ ସଂଗ୍ରହ କରାଯାଇ ଯାଞ୍ଚ କରାଯାଇଥିଲା ।

**DGCA** କହିଛି, ତଥ୍ୟ ଗୁଡ଼ିକର ବିଶ୍ଳେଷଣ କରାଯିବା ପରେ ଏୟାର୍ ଇଣ୍ଡିଆ ଲିମିଟେଡ୍ ବିମାନ ଗୁଡ଼ିକରେ ୬୦ ବର୍ଷରୁ ଅଧିକ ବୟସର

କର୍ମଚାରୀମାନେ କାର୍ଯ୍ୟ କରୁଥିବାର କିଛି ଦୃଷ୍ଟାନ୍ତ ନଜରକୁ ଆସିଛି । ଏହା ଏୟାର୍‌କ୍ରାପ୍ଟ ନିୟମର ବିରୁଦ୍ଧାଚରଣ କରୁଛି । ବିମାନ ଚଳାଚଳ ସଂସ୍ଥା ମଧ୍ୟ ସାପ୍ତାହିକ ବିଶ୍ରାମ ଦେଇନଥିବାର ପ୍ରମାଣ ମିଳିଛି । ଦୂରଗାମୀ ବିମାନ ଗୁଡ଼ିକର ଚଳାଚଳ ସମୟରେ କର୍ମଚାରୀମାନଙ୍କୁ ଯଥେଷ୍ଟ ବିଶ୍ରାମ ଦିଆଯାଇ ନ ଥିବାର ପ୍ରମାଣ ମଧ୍ୟ ହସ୍ତଗତ ହୋଇଛି । ଏଥିପାଇଁ ଏୟାର୍ ଇଣ୍ଡିଆ ଲିମିଟେଡ୍‌କୁ ଗତ ପହିଲାରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ଏହାର ଜବାବରେ ଏୟାର୍ ଇଣ୍ଡିଆ ଲିମିଟେଡ୍ ଦେଇଥିବା ତଥ୍ୟ ସନ୍ତୋଷ ଜନକ ହୋଇନଥିଲା ।

## ର୍ୟାଡାର୍-ସିମୁଲେଟର୍

ବେଙ୍ଗାଲୁରୁ ସପ୍ଟୱେୟାର୍ ଡେଭ୍‌ଲପ୍‌ମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଦେଶୀୟ ଜ୍ଞାନକୌଶଳରେ ର୍ୟାଡାର୍ ସିମୁଲେଟର୍‌ର ବିକାଶ କରିଛି । ୮ ମାସ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରାଯାଇ ଗୋଆର ଆଇ.ଏନ୍.ଏସ୍. ହଂସ ନାଭାଲ୍ ଏୟାର୍ ଷ୍ଟେସନ୍ ଠାରେ ଏହାକୁ କାର୍ଯ୍ୟକାରୀ କରାଯାଇଛି । ଭାରତୀୟ ବିମାନ ବାହିନୀର ଏହି ଅନୁଷ୍ଠାନ ଏକ ପ୍ରମୁଖ ସପ୍ଟୱେୟାର୍ କମ୍ପାନୀ । ଆଭିୟୋନିକ୍ସ ସପ୍ଟୱେୟାର୍ ଡିଜାଇନ୍ ଡେଭଲପ୍‌ମେଣ୍ଟ, ଇଣ୍ଟିଗ୍ରେସନ୍, ଟେଷ୍ଟିଙ୍ଗ୍ ଓ ଏୟାର୍ ଓର୍ଦ୍ଦିନେସ୍ ଭଳି କ୍ଷେତ୍ରରେ ଏହାର ବିଶେଷତ୍ୱ ରହିଛି ।

# ୟୁଏସ୍-ରିଜଲ୍ୟୁସନ୍

ଗାଜାରେ ସାଧାରଣ ନାଗରିକମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଓ ପାଲେଷ୍ଟିନିଆମାନଙ୍କୁ ସହାୟତା ପହଞ୍ଚାଇବା ଲାଗି ସ୍ଥାୟୀ ତଥା ତୁରନ୍ତ ଯୁଦ୍ଧବିରତି ପାଇଁ ଏକ ପ୍ରସ୍ତାବ ଉପରେ ଆଜି ଜାତିସଂଘ ନିରାପତ୍ତା ପରିଷଦରେ ମତଦାନ ହେବ ।

ଅନ୍ୟ ପକ୍ଷରେ ଆମେରିକା ବୈଦେଶିକ ମନ୍ତ୍ରୀ ଆଣ୍ଟୋନି ବ୍ଲିକେନ୍ ଆଜି ତେଲ୍ ଆବିବ୍‌ରେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ସାକ୍ଷାତ କରିଛନ୍ତି । ଯୁଦ୍ଧ ବିରତି ପାଇଁ ବ୍ୟାପକ କୂଟନୈତିକ ଉଦ୍ୟମର ଅଂଶସ୍ୱରୂପ ଏହି ସାକ୍ଷାତ ଆଲୋଚନା ହୋଇଛି ।

ପୂର୍ବରୁ ୟୁରୋପୀୟ ସଂଘ ଇସ୍ରାଏଲ୍-ହମାସ୍ ଯୁଦ୍ଧରେ ତୁରନ୍ତ ଯୁଦ୍ଧବିରତି ପାଇଁ ଆହ୍ୱାନ ଦେଇଥିଲା । ଜାତିସଂଘ ସେକ୍ରେଟେରୀ ଜେନେରାଲ୍ ଆଣ୍ଟୋନିଓ ଗୁଟେରସ୍ ୟୁରୋପୀୟ ସଂଘ ନେତାମାନଙ୍କୁ ଯୁଦ୍ଧ ବିରତି ପାଇଁ ନିବେଦନ କରିବା ଲାଗି ବ୍ରସେଲ୍ସକୁ ଯାତ୍ରା କରିଥିଲେ ।